# ମହାନାଟକ

କବି ରଘୁନାଥ ଦାସ

-ନାନ୍ଦୀ-

ମହୋତ୍ସବ ଲାଗି

ମାତାମାହୀ ସାଜିଛନ୍ତି ସାମାରୋହେ ଅଶେଷ ସାମାଗ୍ରୀ;

ଅଶେଷ ସାମାଗ୍ରୀ

ଅସରନ୍ତି ମହୋତ୍ସବ ଲାଗି... ।

ସୀମାହୀନ ଚନ୍ଦ୍ରାତପେ ଖଚିଛନ୍ତି ସଂଖ୍ୟାହୀନ ମୋତି;

ରଚିଛନ୍ତି ସ୍ତମ୍ଭେ ସ୍ତମ୍ଭେ ଅନିର୍ବାର ଜାଗତିକ ଜ୍ୟୋତି;

ପିତୃଦେବ ବିରାଜନ୍ତି ଦୀପ୍ତିମନ୍ତ ସପ୍ତାଶ୍ବ ରଥରେ

ଗ୍ରହରାଜ ସେ ମଣ୍ଡପ ଭକ୍ତିଭରେ ପ୍ରଦକ୍ଷିଣ କରେ;

ତେଣେ

ନିଳନଭେ ମାତୁଳ ଯେ ମାତିଛନ୍ତି ଲୁଚକାଳି ଖେଳେ

ପରୀ ପରି ଭାସମାନ ବହୁରୂପୀ ବାଦଲଙ୍କ ମେଳେ ।

ପଞ୍ଚଭୂତେ ଗଢ଼ା ଏହି ମାତୃକଳ୍ପା ପ୍ରାଚୀନ ବସୁଧା

ରୂପ ରସ ଗନ୍ଧେ ଭରା ନାନାବିଧ ଐଶ୍ବର୍ଯ୍ୟ-ସମୃଦ୍ଧା ।

-ପ୍ରଥମ ଅଙ୍କ-

ମୋ ଜନନୀ ଏ ଧରଣୀ,

www.jatayu.org
Powered by Tekons

# ମହାନାଟକ

କବି ରଘୁନାଥ ଦାସ

ତା ଗର୍ଭୁ ଲଭିଛୁଁ ଜନ୍ମ ଲତା, ଗୁଳ୍ମ, ଯେତେ ଯେତେ ପ୍ରାଣୀ;

ତାହାରି ସ୍ତନରେ ପୁଷ୍ଟ ତୁମେ ଆମେ-

-ଆମେ ସର୍ବେ ଭାଇ ।

ଉପଭୋଗ୍ୟ ଜୀବନର ମହୋତ୍ସବ;

ଏକମେଳ ହୋଇ

ଆସ ଆମେ ହସି ଖେଳି କାଟିବା ଜୀବନ,

ଏ ସଂସାର ନୁହେଁ ମିଥ୍ୟା

ଏ ଜଗତ ଆଲୋକ-ପାର୍ବଣ

ଉପବନେ ଟହ ଟହ ରସବନ୍ତ ପକ୍ବଫଳେ

ନିବାରିବା କ୍ଷୁଧା

ନିର୍ଝରର କଳ କଳ ଜଳଧାରା

ତୃଷାହାରୀ ସ୍ବଚ୍ଛବାରି ପିଇବା ଆକଣ୍ଠ;

ପ୍ରାଣେ ପ୍ରାଣେ ଭରିବା ପୁଲକ

ଉଷାକାଶ ଆଲୋକଛଟାରେ,

ବିହଗର କଳରବେ,

ମଳୟ ହିଲ୍ଲୋଳେ

ଋତୁର ବୈଚିତ୍ର୍ୟେ,

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ଜୀବନର କୋଳାହଳେ ।

ମୁକ୍ତ ସମୀରଣେ

ଆମେ ସୃଜନ ସଂଗୀତ ଗାଇବା;

ସୁରେ ସୁରେ ବାଜେ ବିଶ୍ୱ ମହାଛନ୍ଦ

ପ୍ରାଣେ ପ୍ରାଣେ ଭରି ବିପୁଳ ଆନନ୍ଦ

ଏଥିରୁ ଅଧିକ ହୋଇ ପାରେ କିସ!

ଅଧିକ କିଁଆ ବା ଚାହିଁବା?

ଆମେ ସୃଜନ ସଂଗିତ ଗାଇବା ।

ସର୍ବେ ଭବନ୍ତୁ ସୁଖିନଃ; ସର୍ବେ ସନ୍ତୁ ନିରାମୟା

ସର୍ବେ ଇଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ ଦୁଃଖଭାଗ୍ ଭବେତ୍ ।

-ଦ୍ବିତୀୟ ଅଙ୍କ-

ଏଥୁ ଅନନ୍ତରେ ଶୁଣ ଘଟିଲା ବିଭ୍ରାଟ;

କେହୁ କହେ ମୁହିଁ ବଡ

ମୁହିଁ ନର, ସୃଷ୍ଟିରେ ମୁଁ ଶ୍ରେଷ୍ଠ,

ଆଦାମ ତନୁଜ ଆମ୍ଭେ, ନୋହାତରୀ ବୀଜ ମଧ୍ୟେ ସାର;

ଆମ୍ଭଲାଗିଏ , ସର୍ଜନା, ବିଶ୍ବଭରି ବିପୁଳ ସମ୍ଭାର ।



www.jatayu.org

# ମହାନାଟକ

କବି ରଘୁନାଥ ଦାସ

ଆହେ ମୂକ ତରୁଲତା,ଅନାୟାସେ ତୁମ୍ଭଙ୍କୁ ଛେଦିବୁ

ସାବଧାନ, ସାବଧାନ, ଆଜିଠାରୁ ଆମ୍ଭେ ତୁମ ପ୍ରଭୁ ।

ବନାନୀର ଜୀବଜନ୍ତୁ , ତୁମେ ସବୁ ଜାଣି ରଖ ମଧ୍ଧ,

ତୁମର ଜୀବନ ଆମ୍ଭ ଇଚ୍ଛାଧୀନ , ତୁମେ ଆମ ବଧ୍ୟ ।

ଆମେ ମହାବଳ,

କ୍ରୁର, କୁଚକ୍ରୀ, କୌଶଳୀ ଜାନୁଆର; ହିଂସାରେ ପ୍ରବଳ ।

ଏମନ୍ତ ଘଟଣା,

ଦେବଶିଶୁ ଆପଣାର ପାପପଙ୍କେ ହୁଏ ପଥବଣା,

ଦେବଭାବ ତେଜି ନରେ ତମସାରେ ହୋଇଲେ ଆସକ୍ତ;

ଏକହିଁ ମନୁର ପୁତ୍ରେ ନାନା ଜାତି ଶ୍ରେଣୀରେ ବିଭକ୍ତ,

ମୁଁ ବ୍ରାହ୍ମଣ କେ ବୋଲଇ,

କେ ବା ରାଜା, କେହି ବା ସମ୍ରାଟ,

କେ ହୋଇଲା ଅସବର୍ଣ୍ଣ;ଜାତି ଧର୍ମ ବାଦ ବିସମ୍ବାଦ ।

ଅହମିକା ଗଲା ଘୋଟି, ନିଜ ଗୋତ୍ର ଗଲେ ସେ ବିସ୍ମରି;

ବଳବନ୍ତ ଜନେ ସର୍ବ ସାମାଗ୍ରୀକୁ ବସିଲେ ଆବୋରି;

ଜନନୀକୁ ଜାୟା କରି ବୋଲାଇଲେ ସେହୁ ମହୀପତି;

ତା' ଔରସେ ଜାତହେଲା ଯେ ଜାରଜ ଡଙ୍କିଣୀ 'ସମ୍ପତ୍ତି'

# ମହାନାଟକ

କବି ରଘୁନାଥ ଦାସ

ସମାଜକୁ ସେହି ହେଲା କିଳା,

ତା' ଲାଗି ଲାଗିଲା ଦ୍ବନ୍ଦ, ପୁରେ ପୁରେ ବିପତ୍ତି ଘୋଟିଲା ।

-ତୃତୀୟ ଅଙ୍କ-

ବିପ୍ର ବୋଲେ,

ରେ ଚାଣ୍ଡାଳ, ଘଟାଇଲୁ ତୁ ଘୋର ପ୍ରମାଦ,

ମନ୍ତ୍ରେ ଆମ୍ଭେ ଅଧିକାରୀ,

ତୁ ଛୁଇଁଲେ ପ୍ରଭୁଙ୍କର ପାଦ ।

ମାରା ହେଲା, ମାରା ହେଲା ଯେ ବିଗ୍ରହ! ହେଲା ସର୍ବନାଶ;

ତୋ ପାପେ ଦେବତା ରୁଷ୍ଟ; କଅଁଳିବ ନାହିଁ ଦୂବଘାସ ।

ଲୋଡା ପ୍ରାୟଶ୍ଚିତ୍ତ...

ଶାସ୍ତ୍ର ଡାକେ ଏ ପାପକୁ ବ୍ୟବସ୍ଥା ଯେ ହେବାର ଉଚିତ;

ସପ୍ତଦିନ ଯାଗଯଜ୍ଞ, ଚଣ୍ଡିକାୟୀ ପ୍ରଚଣ୍ଡ ଯେ କ୍ଷୁଦ୍ଧା

ତା ସନ୍ତୋଷ ଲାଗି ଲୋଡା ଯୂପକାଷ୍ଠେ ଶହେ ଆଠ ବୋଦା;

ସୁର୍ଣ୍ଣମୁଦ୍ରା ଏକଶତ,

ବସ୍ତାଯୁକ୍ତା କୃଷ୍ଣଗାଭୀ ଦୁଇଗୋଟି, ନଥିବଟି ଖୁଣ;

ଦାନଠାରୁ ଦକ୍ଷିଣା ଦ୍ବିଗୁଣ ।

www.jataayu.org

# ମହାନାଟକ

କବି ରଘୁନାଥ ଦାସ

ଶାସ୍ତ୍ର ବାକ୍ୟ ମାନିନାହିଁ ।ଏ ପାପରେ ଧର୍ମଗଲା ଛାଡି ।

ଜାଳ ଜାଳ ପାପିଷ୍ଟର ବାସଗୃହ, ଦିଅ ଗ୍ରାମୁଁ ତଡି!!

-କାହିଁ ଯିବି?

ଭାରତର ପ୍ରାନ୍ତୁ ପ୍ରାନ୍ତୁ ଧର୍ମନାମେ କ୍ରୁର ବ୍ୟଭିଚାର...

ଆହେ ଭଗବାନ,

ଦୀନବନ୍ଧୁ ଆହେ ଆର୍ତ୍ତତ୍ରାଣ,

ତୁମେ ତ କହିଚ ପ୍ରଭୁ ନର ଦେହେ ହେବ ଅବତାର,

ଅତ୍ୟାଚାରେ ଅବିଚାରେ ସୃଷ୍ଟି ତୁମ ହୁଏନାରଖାର ।

'ନ ଜଚ୍ଚା ବସଲୋ ହୋତି ।ଜଚ୍ଚା ହୋତି ବ୍ରାହ୍ମଣୋ;

କମ୍ମୁନା ବସଲୋ ହୋତି ।କମ୍ମୁନା ହୋତି ବ୍ରାହ୍ମଣୋ ।।'

ଲୋଡା ନାହିଁ ମନ୍ତ୍ର ତନ୍ତ୍ର, ଲୋଡା ନାହିଁ ପୂଜାର ନୈବେଦ୍ୟ

ଶରୀର ମଧ୍ୟରେ ଜାଣ ଆତ୍ମା ତୋର ପରମ ଆରାଧ୍ୟ;

ଚିତ୍ତଶୁଦ୍ଧି, କ୍ରିୟାଶୁଦ୍ଧି,ଜୀବେ ଦୟା, ସତ୍ୟେ ରଖ ନିଷ୍ଠା,

ଆଚରଣେ ସଦାଚାର, ଭକ୍ତି ପ୍ରୀତି କର ତୁ ପ୍ରତିଷ୍ଠା;

ଏ ମର ଜଗତେ ନର ଅମୃତର ପାଇବ ସନ୍ଧାନ,

ଲଭିବ ନିର୍ବାଣ ।

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ସଦୟ ହୃଦୟ ଶାନ୍ତ ଜ୍ଞାନବନ୍ତ ତେଜସ୍ବୀ ଭାସ୍ବାନ୍

କିଏ ତୁମେ ଆଂଚବିତ ଆବିର୍ଭୂତ ହୋଇଲ ସନ୍ୟାସୀ?

ଜୀବନର ମହୋତ୍ସବେ ସଦାରତ ଅଥଚ ଉଦାସୀ?

ଶୁଦ୍ଧ ତୁମେ, ସିଦ୍ଧ ତୁମେ ତୁମେ ବୃଦ୍ଧ ତୁମେ ମହାପ୍ରାଣ

ତୁମେ ଅବତାର, ତୁମେ ଭଗବାନ ।

ଧମ୍ମ ଶରଣଂ ଗଛାମି

ସଂଘଂ ଶରଣଂ ଗଛାମି

ବୁଦ୍ଧଂ ଶରଣଂ ଗଛାମି ॥

-ଚତୁର୍ଥ ଅଙ୍କ-

ମହୋତ୍ସବେ କେତେ ଲୀଳା, କେତେ ରଙ୍ଗ, ନାନାବିଧ ବେଶ;

ତ୍ରିଗୁଣେ ଭିଆଇ ବସ୍ତୁ ଚାରିବର୍ଣ୍ଣେ ସୃଜିଲା ମଣିଷ ।

ମଜ୍ଜିଯାନ୍ତି ଥୋକେ ଲୋକ ଧରାତଳେ ବସ୍ତୁର ପ୍ରାଚୁର୍ଯ୍ୟେ;

ଆନ ତାକେ: ଆସ ଭାଇ ଅପାର୍ଥିବ ଆତ୍ମାର ଐଶ୍ବର୍ଯ୍ୟେ

ବିରାଜେ ଯେ ଦିବ୍ୟଭୂମି, ତା'ର ଆମେ ହେବା ଅଧିକାରୀ;

ଏଠି ମରୀଚିକା ଖାଲି, ସେଠି ଝରେ ପ୍ରଶାନ୍ତିର ବାରି ।

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ଏଇ ଦେଖ-

ଝଲମଲ କରେ ରୋମ ରୋମାଞ୍ଚକ ନଗରସମ୍ରାଟ;

ବୀର୍ଯ୍ୟ ଫୁଟେ ବାହୁସ୍ଫୋଟ, ମସ୍ତକେ ତା' ଶୌର୍ଯ୍ୟର ମୁକୁଟ ।

ଦୁର୍ଗଚୂଡେ ଘନ ଘନ ବାଜୁଛି ବିଗୁଲ-

ଜୈତ୍ର ଉଡେ, ଅଶ୍ବପୃଷ୍ଠେ ଅଭିଯାତ୍ରୀ ଚଳେ

ପୃଥୀ କରି ହୁଲସ୍ଥୁଲ

ଜାଳି ଜାଳି ପୁରପଲ୍ଲୀ, ରକ୍ତେ ରଞ୍ଜି ମୁକ୍ତ ତରବାରି

ଦୁର୍ଦ୍ଧର୍ଷ ଦୁର୍ବାର ସେନା ଦିଗେ ଦିଗେ ସାମ୍ରାଜ୍ୟ ବିସ୍ତାରି

ପ୍ରଭୁଙ୍କ ସମ୍ଭୋଗ ଲାଗି

ସୃଷ୍ଟି କରି ଦେଶ ଦେଶ ଅଗଣତି ନିର୍ଯାତିତ ଦାସ,

ମଧୁମୟ ଧରାଧାମେ ସୃଷ୍ଟି କରି ବଂଚି ତ'ର ଅସନ୍ତୋଷ ।

ନିର୍ଯାତିତ ନର ତୁମେ ଦେବଶିଶୁ, ତୁମେ ମୋ ସୋଦର,

ତୁମକୁ ମୁଁ ପ୍ରେମ କରେ, ତୁମ ମୁଁ କରିବି ଆଦର

ନିଜକୁ ନ ମଣ ସାନ, ପ୍ରଭୁ ତୋର ଅତୀବ ମହାନ୍;

ବିଶ୍ବର ଏ ମହୋତ୍ସବେ ନିଃସ୍ବ କରି ତୋତେ ଅପମାନ

ଦିଏ ଯେହୁ,

ପ୍ରଭୁପାଦ ଲଭିବାରୁ ହେବ ସେ ବଞ୍ଚିତ

# ମହାନାଟକ

କବି ରଘୁନାଥ ଦାସ

ପତିତ ବୋଲାନ୍ତି ଯାକୁ ନିଶ୍ଚିତ ସେ ହୋଇବ ଉତ୍‌ଥିତ

ସ୍ବର୍ଣ୍ଣ-ସଂହାସନେ ତୁହି ଜାଣ ଜାଣ ହେବୁ ଅଧିଷ୍ଠିତ ।

ଜାଗଗଗଜଜଜଜଜଜଜଜଜଜଜଜାଗ ଉତ୍ତିଷ୍ଠତ

ଅଜ୍ଞାତ ଜାତି ଗୋତ୍ର, ମେରୀପୁତ୍ର କିଏ ଏହି ଯୀଶୁ?

ସଂଜୀବିତ କରେ ଶବ

ଜାରଜକୁ କହେ ଦେବ ଶିଶୁ ।

ଦଳିତକୁ କୋଳେ ତୋଳେ,

କରେ ପୁଣି ପତିତ ଉଦ୍ଧାର ।

ସ୍ପର୍ଦ୍ଧା, ଆମ୍ଭର ପ୍ରଭୁତ୍ୱ ଦମ୍ଭଭରେ କରେ ଅସ୍ବୀକାର ।

ଈଶବାଣୀ ସଇତାନି ।

ବନ୍ଦୀକର,

କର କଣ୍ଠରୋଧ;

ତୃଷାର୍ତ୍ତ ମରୁରେ ନେଇ

ରାଜଦ୍ରୋହେ

କର କ୍ରୁଶବିଦ୍ଧ ।

"ଅପକର୍ମ ପରିଣାମେ ଅଜ୍ଞ ସେ ଯେ,

ସେମାନଙ୍କୁ କ୍ଷମା କର ପ୍ରଭୁ!

# ମହାନାଟକ

କବି ରଘୁନାଥ ଦାସ

ପ୍ରଭୁ କୃପାକର,

ତମିସ୍ରିତ କୋଣେ କୋଣେ ଆଲୋକ ସମ୍ଭବୁ ।"

ଆମେନ୍, ଆମେନ୍, ଆମେନ୍,

-ପଞ୍ଚମ ଅଙ୍କ-

ବଡ ଆଉ ସାନ

ସବୁ ବିଧି ଭିଆଣ

ସମ୍ରାଟ ସାମନ୍ତ

ସେ ତ ପ୍ରଭୁଙ୍କ ସିଦ୍ଧାନ୍ତ ।

ରାଜପଦ:

ଦେବଦତ୍ତ ସ୍ବତ୍ବ

ପକ୍ବ ଶ୍ମଶ୍ରୁ ଧର୍ମରାଜ ବଖାଣୁଛି ବାଇବେଲ-ତ୍ତ୍ବ

ଅଶ୍ରୁସିକ୍ତ ଭୂମିଦାସ ଆଗେ;

ଅସରନ୍ତି ଜୀବନଟା ପରିପୂର୍ଣ୍ଣ ଦୈନ୍ୟ ଦୁର୍ବିପାକେ ।

ଏ ହାତରେ ସୃଷ୍ଟି କଲା ଯାହାକିଛି ସୁନ୍ଦର ସରସ,

ସେ ସବୁ ତ ସାମନ୍ତର;

ଭାଗ୍ୟେ ତା'ର ନିତ୍ୟ ହା-ହୁତାଶ

www.jataayu.org

# ମହାନାଟକ

କବି ରଘୁନାଥ ଦାସ

ବୁଭୁକ୍ଷିତ ଭୂମିଦାସ ଦୀର୍ଘଶ୍ବାସେ ପ୍ରଶ୍ନ ତୋଳେ:

-ଏହାର କି ନାହିଁ ଶେଷ, ନାହିଁ ସୀମା

ଦେଶବ୍ୟାପୀ ଅତ୍ୟାଚାର, ଅବିଚାର ଅତିଷ୍ଠ ଅନ୍ୟାୟ?

ଆଶ୍ବାସଇ ବିଶ୍ବାସର ଗୀର୍ଜାଗୁରୁ :

'ପ୍ରଳୟାନ୍ତେ ନିଶ୍ଚେ ପ୍ରଭୁ ଦେବେ ତାଙ୍କ ରାୟ' ।

ଜର୍ଜରିତ ଜନଗଣ

ଗର୍ଜିଉଠେ ବଜ୍ରକଣ୍ଠେ-

ଆମେ ଚାହୁଁ  ମୁକ୍ତି!

ଆନ କଥା ସବୁ ମିଥ୍ୟା,

ସତ୍ୟ ଏକା ରୁଷୋ ଉକ୍ତି-

'ଏ ବନ୍ଧନ ସାମାଜିକ ଚୁକ୍ତି ।'

ଷୋଡଶ ଲୁଇ ଯେ ଆମ୍ଭେ,

ଦେବଦତ୍ତ ଆମ୍ଭ ଅଧିକାର,

ଆମ୍ଭେ ମେରୀ,

ମହାମାନ୍ୟା ରାଜେଶ୍ବରୀ

ସାମ୍ରାଜ୍ଞୀ ତୁମ୍ଭର ।

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ଆଟଲାଣ୍ଟା ଉପକୂଳେ ବହିଯାଏ ଆଗ୍ନେୟ ତୋଫାନ-

ଲେଲିହାନ ଶିଖାରେ ତା' ମଧ୍ୟଯୁଗେ ଲଭେ ଅବସାନ ।

ପଡେ ଗିଲୋଟିନ୍ ।

ଆମେ ମୁକ୍ତ ଆମେରେ ସ୍ବାଧୀନ ।

ଛିଡିପଡେ ଯୁଗାନ୍ତର କଳଙ୍କିତ ସାମନ୍ତ-ବନ୍ଧନ;

ମୁକ୍ତ ଆମେ ଭୂମିଦାସ, ମୁକ୍ତ ପୁଞ୍ଜି, ମୁକ୍ତ ଜନଗଣ ।

ପ୍ୟାରୀ ରାଜଧାନୀ

ସମ ଅଧିକାର ଆଉ ଭ୍ରାତୃତ୍ବର ତୋଳେ ମହାଧ୍ବନି ।

-ଷଷ୍ଠ ଅଙ୍କ-

ମୁକ୍ତି ତ ସପନ-

ଆମ ଦୁନିଆଁରେ ଯେତେ ମେହେନତୀ ଜନସାଧାରଣ

କି ପାଇଛୁଁ କୁହ

ଶ୍ରମ ସ୍ବେଦ ରକ୍ତସ୍ନାନ ପରିବର୍ତ୍ତେ?

ଯୁଗ ଯୁଗାନ୍ତରେ

କେବେ ପ୍ରଭୁ କେବେ ରାଜା, କେବ ଅବା ବୁର୍ଜୁୟା ବେଶରେ ସେମାନେ କରନ୍ତି ଲୁଟ୍ ଆମ ରୁଟି, ଆମର ଅର୍ଜନ;

କାଳେ କାଳେ ଆମେ ଭାଳେ ଲେଖା ଖାଲି ଦାରିଦ୍ର୍ୟ-ଦଂଶନ ।

www.jatayu.org

Powered by Tekons

# ମହାନାଟକ

କବି ରଘୁନାଥ ଦାସ

ଆମ ରକ୍ତେ ଚଳେ କଳ,

ବିଲେ ଆମେ ଠେଲୁ ହଳ,

ସବୁରି ଜନକ ଆମେ,

ସବୁଥିରୁ ଆମେତ ବଂଚିତ;

ହେମ ଶିହରଣ ଖେଳେ ଖେତେ ଖେତେ ; ଆମେ ବୁଭୁକ୍ଷିତ ।

ସେମାନେ ଗଢ଼ନ୍ତି ରାଷ୍ଟ୍ର;

ଜୀବନ ମହୋତ୍ସବ ଆମର ସେ ଏକ ହିଁ ସମ୍ବଳ ।

ଆମେ ସର୍ବହରା-

ସାରା ବିଶ୍ୱେ ନିଃସ୍ୱ ଆମ ଦେଶେ ଦେଶେ, ଗୋରା ଅବା କଳା;

ଜାଗ ଜାଗ ଜାଗରେ ଦଳିତ

ଏକତାହିଁ ଆମ ବଳ; ବିଶ୍ୱବ୍ୟାପୀ ହୁଅସଂଗଠିତ

ଏକ ହୁଅ ମେହନତୀ ଜନତାର ଅଜେୟ ସେନାନୀ,

ଏକ ହୁଅ, ଏକ ହୁଅ, ହେ ଶୋଷିତ କଙ୍କାଳ ବହିନୀ ।

ଏକପଟେ କୁରୁବଳ, ଅନ୍ୟ ଦିଗେ ଆମର ଛାଉଣୀ,

ଶ୍ରମିକ-କୃଷକ ଆଉ ବୁଦ୍ଧିଜୀବି-ଛାତ୍ର ଓ କିରାନୀ ।

ଅବତୀର୍ଣ୍ଣ କର୍ଣ୍ଣଧାର କାର୍ଲମାର୍କସ୍ ବିପ୍ଳବ ବିଜ୍ଞାନୀ

ବଂଚିତର ମନ୍ତ୍ରଦାତା ସଖା କୃଷ୍ଣ ସୁଦର୍ଶନପାଣି:

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ଆରେ ମୋହଗ୍ରସ୍ତ-

ବିଶ୍ବରୂପୀ ଦେଖ କୁରୁକ୍ଷେତ୍ର ।

ଯୁଗାନ୍ତକ ରଣେ ମତ୍ତ କ୍ଷାତ୍ରଧାମେ ଅଗ୍ରଜ ଲେଲିନ୍,

ଧନୁର୍ଦ୍ଧର ମହୋତେଜା ମହାଚୀନ, ଭୀମ ହୋଚିମିନ୍,

ନକୁଳ ଯୁଗୋସ୍ଲାଭିଆ, କ୍ୟୁବା ସହଦେବ;

ରତ ଧର୍ମଯୁଦ୍ଧେ

ତୃଷାର୍ତ୍ତ ମେଦିନୀବକ୍ଷ ସିକ୍ତ କରେ ରକ୍ତ ବୈତରଣୀ,

ଦୁଃଶାର ରୁଧିର ମାଗେ ବିବସନା, ମୁକ୍ତ ଯେତେ ବେଣୀ,

ଅକୌରବା ହେବ ନିଶ୍ଚେ ଧରା,

ସମାଜର ମୁକ୍ତମାର୍ଗେ ନାୟକତ୍ବ କରେ ସର୍ବହରା

ଆସ ଆମେ ହେବା ସବୁ ସାଥୀ,

ଗାଅ ଇଣ୍ଟରନ୍ୟାସାନାଲ ।ଏକ ହେବ ଏ ମାନବ ଜାତି ॥

-ସପ୍ତମ ଅଙ୍କ-

ଶେତ୍ବସ୍କନ୍ଧେ ଯାଶୁଖ୍ରୀଷ୍ଟ ଲଦିଦେଲେ ଗୁରୁତର ବୋଝ;

ବାହାରିଲୁ ତେଣୁ ଆମେ ଗଢ଼ିବାକୁ ସୁସଭ୍ୟ ସମାଜ

ଦେଶ ଦେଶାନ୍ତିର ବୁଲି,

# ମହାନାଟକ

କବି ରଘୁନାଥ ଦାସ

ବକ୍ଷସ୍ଥଳେ ଶୋଭାପାଏ ଲମ୍ବକ୍ରୁଶ, ପ୍ରଚାରକ ବ୍ୟାଜ୍,

ଶାନ୍ତ-ସେବା-ତ୍ୟାଗବାଣୀ: ମୂର୍ତ୍ତିମନ୍ତ ସତେ ଧର୍ମରାଜ ।

ତାଙ୍କ ପଛେ ପୋତ ବାହି ଦେଶ ଛାଇ ଆସନ୍ତି ବଣିକ;

ବାଣିଜ୍ୟର ନିରାପତ୍ତା ଲାଗି ଲୋଡା ମାରଣା ବନ୍ଧୁକ ।

କାଲି ଯିଏ ନତାଜାନୁ ବହିଥିଲା ନବାବର ବୁଟ୍,

ଉଦ୍ଧତ ଶିରରେ ତା'ର ଚକ୍‌ମକ୍ ସ୍ବର୍ଣ୍ଣିତ ମୁକୁଟ

ଯୀଶୁଙ୍କର ବୋଝ ଲାଗି ତାକ୍

ର ଏହି ସାମ୍ରାଜ୍ୟ ବିସ୍ତାର ।

କମ୍ପାନୀ ଦଖଲ କରେ ଦେଶେ ଦେଶେ ଏକଲା ବଜାର ।

କଳାଙ୍କ ବଜାର ପାଇଁ ଲାଗେ ପୁଣି ଗୋରାଙ୍କର କଳି;

ଯୀଶୁଙ୍କ ଅହିଂସା କ୍ରୁଶେ ଲକ୍ଷ ବୋଦା ନିତି ପଡେ ବଳି ।

ଥରି ଉଠେ ଆଫ୍ରିକା ଘଞ୍ଚବନ, ହତଜ୍ଞାନ ଚୀନ

ଚରସ ନିଶାରେ ।

ଏଣେ ଭାରତ ପ୍ରାଚୀନ କୂଳୀନ

ସାଇବଙ୍କ ନୀଳଚାଷେ ଉପବାସେ ଝରେ ଗଳଦ୍‌ଘର୍ମ;

ମାଳୟ ରବରଗଛେ ଯାଚେ ତା'ର ଶସ୍ତାଦର ଶ୍ରମ ।

ଗୋରା ଆମେ ସଭ୍ୟ ଆମେ, ତୁମେ କଳା ଅମିର ଅଧୀନ ।

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ଶିକ୍ଷୋନ୍ନତ ଆମେ, ତୁମେ ଅନୁନ୍ନତ, ଆମଠାରୁ ଭିନ୍ନ

ଶ୍ବାନଠାରୁ ହୀନ!

ହିଂସ୍ର ସିଂହେ ଉଜ୍ଜୀବିତ ଯୀଶୁ ଦିଏ ସମର ଆହ୍ବାନ

'କହ ଖ୍ରୀଷ୍ଟିଆନ!

ତୋ ମୁହଁରେ ଶୋଭାପାଏ ମଣିଷ ଏହି ଅସମ୍ମାନ?

ଲୁଣ କାଇଁ ଖୁଣ୍ କର , ଭୋକିଲାର ପଡିକର କାଟ୍

ଦରିଦ୍ର ସମ୍ବଳ ଲୁଟି

ଦୁର୍ବଳର ଚିପି ତୋଟି ଆପଣାର ବୋଲାଅ ସମ୍ରାଟ;

ପରଦେଶେ ଧସିପଶି ଚଳାଇଛ ବର୍ବର ବେଉସା;

ଧରିତ୍ରୀର କୋଣେ କୋଣେ ଜଳାଇଛ ହିଂସା ଆଉ ହିଂସା;

ବାଇବେଲ୍ ମହାଗ୍ରନ୍ଥୁଁ ଲାଭକର ଏତିକିତ ଶିକ୍ଷା ।

ସଭ୍ୟତାର କର କିଆଁ ଏ ବଡିମା, ତୁଚ୍ଛ ଅହମିକା?

ଛାଡ ତୁ ଭାରତ ଛାଡ

ବଂଚିବାର ଅହିଂସା ବିଦ୍ରୋହ

ବ୍ୟାପିଯାଏ ଦେଶ ଦେଶ,

ତୁଟିଯାଏ ଲୁଣ୍ଠକର ମୋହ;

ସାମ୍ରାଜ୍ୟର ଜତୁଗୃହ ଜଳିଯାଏ ସତ୍ୟ-ବହ୍ନି-ତେଜେ

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ବିପର୍ଯ୍ୟସ୍ତ ଅନ୍ଧକାର ଲୁଚେ ଯଥା ଉଦ୍‌ଭାସିତ ସୂର୍ଯ୍ୟ ।

ମନୁଁ ପୋଛିଦିଅ ହିଂସା,ଚିତ୍ତ ତୋର କର ତୁ ନିର୍ମଳ;

ଦୁର୍ବଳ ତୁ ନୋହୁଁ କେବେ, ସ୍ରଷ୍ଟା ତୋର ଅତୁଟ ସମ୍ବଳ ।

ବେଦ ଓ କୋରାନ୍ କହେ ଏକ ବାର୍ତ୍ତା: କି ଲାଗି କଜିଆ?

ସଭିଙ୍କର ଲାଗି କର୍ତ୍ତା ଗଢ଼ିଛନ୍ତି ବିଶାଳ ଦୁନିଆ-

ଭରିଛନ୍ତି ପ୍ରାଣେ ପ୍ରାଣେ ମହାଶକ୍ତି, ଅନନ୍ତ ଉଚ୍ଛ୍ବାସ;

ପ୍ରତିଦେଶ, ପ୍ରତିବ୍ୟକ୍ତି ଲଭୁ ତାର ସ୍ବଚ୍ଛନ୍ଦ ବିକାଶ

ଅହିଂସାର ମହାମନ୍ତ୍ରେ ବାହିନିଏ ସଂସାର ତରଣୀ:

ମା ଭୈଃ  ମା ଭୈଃ

ଶାନ୍ତିପଥେ ଯାତ୍ରୀ ଆରେ  ସାଥୀତୋର ଆଲାହ୍ ମେହର୍ବାନି ।

ଆଲ୍‌ହ ମଜାଦାଁ ଜେହୋବା ରାମ; ଏକହିଁ ମାଲିକ୍ ତୁଝେ ପ୍ରଣାମ

ରାମ ରହିମ୍ ତେରା ନାମ ।। ସବ୍‌କୋ ସନ୍ମତି ଦେ ଭଗବାନ୍ ।

-ଅଷ୍ଟମ ଅଙ୍କ-

ରୋଗ ଶୋକ ଜରା ମୃତ୍ୟୁ ଜର୍ଜରିତ ଜୀବନ ସାହାରା,

ଏ ଜଗତ ମିଥ୍ୟାମାୟା, ତୁଚ୍ଛଖାଲି କୁହୁଡି ପହଁରା;

ପଦେ ପଦେ ବାଧା ବିଘ୍ନ, ଦିଗେ ଦିଗେ ପୁରିଛି କଣ୍ଟକ;

# ମହାନାଟକ

କବି ରଘୁନାଥ ଦାସ

ଖେଳାଲୀଳା କ୍ଷଣସ୍ଥାୟୀ, ବୃଥା ସବୁ, ସବୁ ନିରର୍ଥକ,

ଅସାର ସଂସାର ।

ଧରାଧାମେ କାହିଁ ଶାନ୍ତି? କାହିଁ ମୁକ୍ତି? ଏ ତ କାରାଗାର ।

କହ କହ ବିଷଣ୍ଣ ନାୟକ

ପୃଥିବୀର ରଙ୍ଗମଞ୍ଚେ

ଅହରହ ଅବିରାମ ଚଳେ ସତ୍ୟ ଯେ ମହାନାଟକ

କିଏ ତା'ର ସୂତ୍ରଧର?

କିଏ କର୍ତ୍ତା?

କେ ବା ନିର୍ଦ୍ଦେଶକ?

ମୋହଗ୍ରସ୍ତ ମଦୋନ୍ମତ୍ତ ଉଦ୍ଧତ ତୁ ଅହମିକା-ଅନ୍ଧ,

ହଜାଇଛୁ ଅନ୍ତର୍ଦୃଷ୍ଟି, ଆଗୋଚର ସୃଷ୍ଟିର ପ୍ରବନ୍ଧ;

ବ୍ରହ୍ମାଣ୍ଡର ବିବର୍ତ୍ତନେ ଜନ୍ମେ ଜଡ, ଜଡୁଁ ହେଲା ଜୀବ,

ତୋ ପିଣ୍ଡରେ ପ୍ରାଣ ସେ ତ, ସେ ତ ଶିଖା, ତୁ ତାଙ୍କ ପ୍ରଦୀପ;

ସାଧକର ଭଗବାନ, ବିଜ୍ଞାନୀର ଆଦିମ ପ୍ରକୃତି ।

ସେହି ମହାଶକ୍ତି

ବ୍ୟାପ୍ତିମୟୀ ବିଶ୍ବ ଛାଇ ଘେନିଥାନ୍ତି ରୂପରୂପାନ୍ତର

ପଞ୍ଚଭୂତେ ନାନାକୃତି ନାନାବର୍ଣ୍ଣ ବିଭିନ୍ନ ପ୍ରକାର ।

Powered by Tekons

# ମହାନାଟକ

କବି ରଘୁନାଥ ଦାସ

ମହାକଲୀ ମହାଲକ୍ଷ୍ମୀ ସେହି ପୁଣି ମହା-ସରସ୍ୱତୀ ।

ସେ ପରମ ଜେହୋବା-ଆଲ୍‌ହା ମାତାମହୀ ଦେବୀ ଭଗବତୀ ।

ସେ ପୁରୁଷ, ସେହି ନାରୀ, ଆପଣାର ଆପେ ପ୍ରତିଦ୍ୱନ୍ଦ୍ୱୀ;

ନିଜ ଗଢ଼ା ବନ୍ଦୀଶାଳେ ନିଜକୁ ସେ କରିଥାଏ ବନ୍ଦୀ;

ଅଣୁରେ ସେ ଅବସ୍ଥିତ, ବ୍ରହ୍ମାଣ୍ଡଠୁ ଆହୁରି ବିଶାଳ;

ସୂକ୍ଷ୍ମ ସ୍ଥୂଳ ଆଧାରିତ, ସେହି ପୁଣି ତହିଁରେ ଅଧାର;

ଏକ ବ୍ରହ୍ମ, ଅଦ୍ୱିତୀୟ , ଜ୍ଞାନାତୀତ, ଅବ୍ୟକ୍ତ ଅଲେଖ,

ଘଟେ ଘଟେ ପ୍ରକଟିତ, ସର୍ବବ୍ୟାପୀ ସେ ପୁଣି ଅନେକ ।

ଖୋଜି ଖୋଜି ବୃନ୍ଦାବନେ ନିଧୁବନେ ରାଧିକା ବିଧୁରା;

ତୋ କୁଞ୍ଜେ ଲୁଚିଛି କୃଷ୍ଣ, ମଥାପିଟୁ ଗଲା ଯେ ମଥୁରା ।

ହେ ସଂଦିଗ୍ଧ,

ଜୀବନର ସୀମା ଆଙ୍କିଦିଅ କାଳାତୀତ ମହାକାଳେ,

ନିଜସତ୍ତା ଯୋଗକର ଅବିକଳ୍ପ ଅନନ୍ତ ସତ୍ତାରେ,

ମହାକାଶ ପ୍ରତିଛବି ଫୁଟିଉଠୁ ଶିଶିର ବିନ୍ଦୁରେ;

ବନ୍ଧନର ବନ୍ଧ୍ୟାଲତା ଗର୍ଭବତୀ ମୁକ୍ତିର ମୁକୁଳେ;

ବିକାଶର ଧାରା କେବେ ହଜାଇନି

ସୃଷ୍ଟି ମହୋତ୍ସବ;

www.jatayu.org

# ମହାନାଟକ

କବି ରଘୁନାଥ ଦାସ

ମରଲୋକେ ଅମରତ୍ୱ; ନର ଦେହେ

ଦେବତ୍ୱ ସମ୍ଭବ;

ବିକଶିତ ତୋ ମାନସେ ଅତୀନ୍ଦ୍ରିୟ

ଦିବ୍ୟ ସେ ଆଲୋକ ।

ଯୋଗ ହେଉ ପୂର୍ଣ୍ଣ

ନମିଛି ଅତିମାନସ;

ବର ନର ହେବ ଅବତୀର୍ଣ୍ଣ ।

ଈଶାବାସମିଦଂ ସର୍ବ ଯତ୍ କିଂଚ ଜଗତ୍ୟାଂ ଜଗତ୍;

ପରମୋଚ୍ଚ ପ୍ରଭୋ ସତ୍ୟ ନିତ୍ୟ ତ୍ୱମେବ କେବଳମ୍ ।

ଓଁ ତତ୍ ସତ୍

www.jatayu.org